## ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ ଦାବି

# ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାରିପଦା, ୨।୪(ସମିସ): ଆମ ଦେଶ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଲଗାତାର ଭାବେ ଦେଶର ଶ୍ରମଶକ୍ତିକୁ କର୍ପୋରେଟ ସଂସ୍ଥାମାନଙ୍କ ସ୍ୱାର୍ଥରେ ବିନିଯୋଗ କରିବାକୁ ପଛାଉନାହାନ୍ତି। ସମସ୍ତ ପ୍ରକାରର ଆନ୍ଦୋଳନକୁ ଭ୍ରୂକ୍ଷେପ ନ କରି ଓ ଦେଶର ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ସହ ଆଲୋଚନା ନ କରି ୪୪ଟି ଶ୍ରମ ଆଇନକୁ ଭାଙ୍ଗି ୪ଟି ଘୃଣ୍ୟ ଶ୍ରମ କୋର୍ଡକୁ କାର୍ଯ୍ୟକାରୀ କରିଛନ୍ତି। ଦେଶର ଲାଭଜନକ, ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ରେଳବାଇ, ବନ୍ଦର, କୋଇଲା ଖଣି, ଇସ୍ପାତ, ପ୍ରତିରକ୍ଷା, ବ୍ୟାଙ୍କ, ବୀମା, ଟେଲି ଯୋଗାଯୋଗ, ଆଣବିକ ଶକ୍ତି, ବିଦ୍ୟୁତ୍ ଉତ୍ପାଦନ ସଂସ୍ଥା ଇତ୍ୟାଦି ହସ୍ତାନ୍ତର କରି ଦେଶର ଆତ୍ମନିର୍ଭର ଅର୍ଥନୀତିକୁ କବର ଦେଇ ଚାଲିଛନ୍ତି। ଭାରତୀୟ ଶ୍ରମ ସମ୍ମିଳନୀରେ ଆଲୋଚନା ନ କରି, ଆନ୍ତର୍ଜାତିକ ଶ୍ରମ ଆଇନକୁ ଉଲ୍ଲଂଘନ କରି ଶ୍ରମିକର ଶ୍ରମକୁ ଶୋଷଣ ସହ ସାମାଜିକ ସୁରକ୍ଷାରୁ ବାଦ୍ ଦେଇ ଅତୀତର ଘୃଣ୍ୟ କ୍ରୀତଦାସ ପ୍ରଥା ପୁନଃ ପ୍ରଚଳନ ପାଇଁ ଜିଦଖୋର କେନ୍ଦ୍ର ସରକାରଙ୍କ କଳା ଶ୍ରମ କୋର୍ଡ ଦେଶ ସାମ୍ନାରେ ବହୁ ପ୍ରଶ୍ନ ଓ ଆନ୍ଦୋଳନକୁ




ଆମନ୍ତ୍ରଣ କରୁଛି। ସ୍କିମ ୱାର୍କରଠାରୁ ଆରମ୍ଭ କରି ତଳୁ ଉପର ସ୍ତର ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଶ୍ରମଜୀବୀ ମଣିଷଙ୍କ ଜୀବନ ଜୀବିକା, ଆଇନଗତ ଅଧିକାର, ସାମାଜିକ ସୁରକ୍ଷା ଇତ୍ୟାଦି ଛଡ଼ାଇ ନେବାକୁ କେନ୍ଦ୍ର ସରକାର କୁଣ୍ଠିତ ନୁହେଁ। ଯେତେବେଳେ ଟଙ୍କା ହ୍ରାସ ପାଉଛି, ମଧ୍ୟ ପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ଏଲପିଜି ସଂକଟ, ଭିତ୍ତିଭୂମିର କ୍ରମାଗତ ଅବନତି, ଷ୍ଟକ୍ ବଜାର ଭୁଶୁଡ଼ି ପଡୁଛି, ଅର୍ଥନୀତି ମନ୍ଥର ହୋଇଛି, ଲୋକମାନେ ଚାକିରି ହରାଉଛନ୍ତି, ପ୍ରବାସୀ ଶ୍ରମିକ ଘର ବାହୁଡ଼ା ଦେଉଛନ୍ତି, ଠିକ୍ ସେତିକିବେଳେ ୪ଟି କଳା ଶ୍ରମ କୋର୍ଡକୁ କାର୍ଯ୍ୟକାରୀ କରିବା ନିନ୍ଦନୀୟ। ଶ୍ରମିକ ଶ୍ରେଣୀର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ରଦ୍ଦ ଦାବିରେ ଦେଶବ୍ୟାପୀ କଳା ଦିବସ ପାଳନର ଅଂଶ ବିଶେଷ ଭାବେ ଆଜି ପ୍ରଭାଗୀୟ ଶ୍ରମ ଆୟୁକ୍ତ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ପକ୍ଷରୁ ବିକ୍ଷୋଭ ପ୍ରତିବାଦ ସିଆଇଟିୟୁର ଜିଲ୍ଲା ସଭାପତି ସାଥୀ ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, କାହ୍ନୁଚରଣ ବେହେରା, ବଳରାମ ମହାନ୍ତ, ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ ସଭାପତି ରଘୁନାଥ ପଣ୍ଡା, ଅଜିତ୍ କୁମାର ବେହେରା, ଲକ୍ଷ୍ମୀନାରାୟଣ ପରିଡ଼ା, ଏଆଇୟୁଟିୟୁସି ପକ୍ଷରୁ ସାଥୀ ପୀତାମ୍ବର ନାଏକ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଶାଖୀ ମହାନ୍ତ, ମନୋରଞ୍ଜନ ପରିଡ଼ା, ସୁରିଆ ମହାନ୍ତ, ଅଶୋକ ଭଞ୍ଜଦେଓ, ସୁବାସ ଚନ୍ଦ୍ର ତ୍ରିପାଠୀ, ଶାନ୍ତ ମହାନ୍ତ, ଗଙ୍ଗାଧର ସାମଲ, ଦାଶରଥି ରାଉତ, ଅଜିତ୍ ବେହେରା, କବିତା ରାଣୀ ଦାସ, ବିଶ୍ୱନାଥ ସିଂ, ରଞ୍ଜିତ ମୁଦୁଲି, ସେକ ରିଜୁଆନ, କ୍ଷିତିଶ ସାସମଲ, ବୁଢ଼ାନ ମୁର୍ମୁ, କୁନା ସିଂ, ମୁକେଶ ମହାନ୍ତ, ଜିତରାୟ ସିଂ, ଅରୁଣ ମହାନ୍ତ, ଗୀତା ମହାନ୍ତ ଓ ମହେଶ୍ୱର ବେହେରା ପ୍ରମୁଖ ପ୍ରତିବାଦରେ ସାମିଲ ଥିଲେ।

## ଦୋକାନ ସମ୍ମୁଖରୁ ବାଇକ ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୨।୪ (ସମିସ): କରଞ୍ଜିଆ ଗୋଳେଇ ଛକରେ ବାଇକ୍ ଚୋରି ହୋଇଛି। ଏ ନେଇ ପାଟଣାର ଧରଣୀଧର ମହାନ୍ତ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ଟ୍ରାକ୍ଟର ଶୋରୁମକୁ ଯାଇଥିବାବେଳେ ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ତେବେ ଫେରି ଦେଖିବା ବେଳକୁ ବାଇକ ନଥିଲା। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଦୁଗ୍ଧ ଚାଷୀଙ୍କୁ ଗୋଖାଦ୍ୟ ବଣ୍ଟନ



ଠାକୁରମୁଣ୍ଡା, ୨।୪(ସମିସ): ରାଷ୍ଟ୍ରୀୟ ଗୋକୁଳ ମିଶନ ଅନ୍ତର୍ଭୁକ୍ତ ଜାତୀୟ ଦୁଗ୍ଧ ଡେଭଲପମେଣ୍ଟର ପିଇଏସ ପ୍ରୋଜେକ୍ଟ ମାଧ୍ୟମରେ ବୁଧବାର ଦିନ ଗୋଚାଷୀଙ୍କୁ ବିନା ମୂଲ୍ୟରେ ଗୋଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି। ପୂର୍ବରୁ ଠାକୁରମୁଣ୍ଡା ବ୍ଲକର ତାଲିକାଭୁକ୍ତ ଚାଷୀଙ୍କୁ ଦୁଗ୍ଧ ଉତ୍ପାଦନ କରି ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ରେ ଗର୍ଭଣି ଗାଇ ଯୋଗାଇ ଦିଆଯାଇଥିଲା। ଗାଇ ମିଳିଥିବା ଚାଷୀଙ୍କୁ ୫୦ କେଜି ଓଜନର ଗୋଖାଦ୍ୟ ପ୍ୟାକେଟକୁ ଠାକୁରମୁଣ୍ଡା ଓ କେନ୍ଦୁଜିଆଣିଠାରେ ବଣ୍ଟନ କରାଯାଇଥିଲା। ବଣ୍ଟନ କାର୍ଯ୍ୟକ୍ରମରେ ରାଜ୍ୟ ଏନଡିଡିବି ମ୍ୟାନେଜର ଡକ୍ଟର ଶ୍ୟାମସୁନ୍ଦର ତ୍ରିପାଠୀ, ପ୍ରକଳ୍ପ ସଂଯୋଜକ ପ୍ରକାଶ କୁମାର ବେହେରା, ପ୍ରାଣୀ ଚିକିତ୍ସକ ପ୍ରୀତି ପ୍ରସନ୍ନ ସାହୁ, ଜିଲ୍ଲା ବିଜେପି ଉପସଭାପତି ଆଶିଷ ମହାନ୍ତ ଯୋଗ ଦେଇଥିଲେ। ଏଥିରେ ପୂର୍ବତନ ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ପୂର୍ବତନ ମହୁଲଡ଼ିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓଡ଼ିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ

ରାଇରଙ୍ଗପୁର, ୨।୪(ସମିସ): ସ୍ଥାନୀୟ ଅଁଳାଡ଼ୁବାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉତ୍କଳ ଦିବସ ପାଳିତ ସହ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ତପସ୍ୱୀ କୁମାର ବାରିକ ଉପସ୍ଥିତ ରହି ଧୂପ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୃତ୍ୟୁଞ୍ଜୟ ଗୁରୁଜୀ, ରେଣୁ ଗୁରୁମା, ମଧୁଛନ୍ଦା ଗୁରୁମା ଉତ୍କଳ ଦିବସ ମହତ୍ୱ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍କଳ ଦିବସ ପାଳନ ସରିବା ପରେ ବିଦ୍ୟାଳୟରେ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଶିଶୁ ଭାଇଭଉଣୀ ସହିତ ବିଦ୍ୟାଳୟ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ବାରିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନ ହୋଇଥିଲା।

## ଅଲଅନଲ ଲିପି ବାର୍ଷିକ ପରୀକ୍ଷା

ରାଇରଙ୍ଗପୁର, ୨।୪(ସମିସ): ଭୂମିଜ ଜନଜାତିଙ୍କ ଭାଷା ଓ ସଂସ୍କୃତି ସଂରକ୍ଷଣ ନେଇ ଅଲଅନଲ ଲିପି ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ଜିଲ୍ଲାର କୁସୁମୀ, ଜାମଦା, ବିଶୋଇ ଓ ବହଳଦା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭୂମିଜ ଜନଜାତିଙ୍କ ଉକ୍ତ ବାର୍ଷିକ ପରୀକ୍ଷା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବହଳଦା ବ୍ଲକର ବ୍ରାହ୍ମଣବୋଷ, ଶଗଡ଼ଭାଙ୍ଗା, ପୋଖରୀଆ, ବଡକେଡମ ଓ ସୁରୁଦା ଫିଟିକଟାଣ୍ଡିରେ ପରୀକ୍ଷା ସମ୍ପନ୍ନ ହୋଇଛି। ସୁରୁଦା ଫିଟିକଟାଣ୍ଡିରେ ଅନୁଷ୍ଠିତ ବାର୍ଷିକ ଅଲଅନଲ ପରୀକ୍ଷା କେନ୍ଦ୍ରରେ ଗ୍ରାମ ପ୍ରଧାନ ଅନନ୍ତ ମୁଣ୍ଡା, ହାତୁ ନାୟା (ଗ୍ରାମ ପୂଜକ) ପ୍ରକାଶ ମୁଣ୍ଡା, ଦେହୁରୀ ସନିଆ ମୁଣ୍ଡା, ଡାକୁଆ ଗୁଡରୁ ମୁଣ୍ଡା ଏବଂ ଶିକ୍ଷକ ବିଶ୍ୱନାଥ ସର୍ଦ୍ଦାର ଓ



ଜହରଲାଲ ମୁଣ୍ଡାଙ୍କ ସହିତ ସଂଯୋଜକ ଶଙ୍କରଲାଲ ମୁଣ୍ଡା ଉପସ୍ଥିତ ଥିଲେ। ତେବେ ଚଳିତ ବର୍ଷ ୪, ୦୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଛନ୍ତି। ଯାହା ଗତବର୍ଷ ତୁଳନାରେ ଯଥେଷ୍ଟ ଅଧିକ। ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହଯୋଗିତା ଓ 'ଅୟନ ଆଖଲା' ତିରିଲଡିହି ଝାଡ଼ଖଣ୍ଡ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ପ୍ରାୟ ୧୨୮ଟି ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଇମେରୀ, ବେସିକ୍, ଆଡଭାନ୍ସ ଶ୍ରେଣୀର ଛାତ୍ରଛାତ୍ରୀ ଭୂମିଜ ସାହିତ୍ୟ ଓ ସାମାଜିକ ବିଜ୍ଞାନ ଉପରେ ପରୀକ୍ଷା ଦେଇଥିଲେ। ଓଡ଼ିଶା ରାଜ୍ୟ ଭୂମିଜ ଭାଷା ଶିକ୍ଷା କେନ୍ଦ୍ର ସଂଯୋଜକ ଶଙ୍କର ମୁଣ୍ଡାଙ୍କ ନିରୀକ୍ଷଣରେ ଓ ସ୍ଥାନୀୟ ଗ୍ରାମ ପ୍ରଧାନ, ନାୟା, ଡାକୁଆ ଓ ଦେହୁରୀଙ୍କ ସହାୟତାରେ ପରୀକ୍ଷା ସୁରୁଖୁରୁରେ ଶେଷ ହୋଇଛି। ଏଥିସହିତ 'ଅୟନ ଆଖଳା'ର ସେକ୍ରେଟାରୀ ହିମାଂଶୁ ସିଂ ଏବଂ ସଦସ୍ୟ ପ୍ରଦୀପ ସିଂ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିବା ସହିତ ଉତ୍ସାହିତ କରିଥିଲେ। ଏହି ଅବସରରେ ଭୂମିଜ ସମାଜ ପକ୍ଷରୁ ଏନଇପି ୨୦୨୦ ଶିକ୍ଷାନୀତିରେ ଅନ୍ତର୍ଭୁକ୍ତ କରାଯାଇ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦିଆଯିବା ସହିତ ସମ୍ବିଧାନର ଧାରା ୩୫୦ (କ) ଏବଂ ଧାରା-୨୯ ଅନୁଯାୟୀ ସଂଖ୍ୟାଲଘୁଙ୍କ ଭାଷା ଓ ଲିପିର ସୁରକ୍ଷା ବର୍ଗରେ ଭୂମିଜ ଭାଷାକୁ ସାମିଲ କରାଯାଇ ଭାଷା ଓ ଲିପିକୁ ସୁରକ୍ଷା ପ୍ରଦାନ କରାଯିବା ତଥା ଝାଡ଼ଖଣ୍ଡ ସରକାରଙ୍କ ଭଳି ଓଡ଼ିଶା ସରକାର ମଧ୍ୟ ଭୂମିଜ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ପ୍ରଦାନ କରନ୍ତୁ ବୋଲି ଦାବି ଉପସ୍ଥାପନ କରାଯାଇଛି।

## ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ, ଆଜାଦ କ୍ଲବ୍ ଚାମ୍ପିଅନ

ବାରିପଦା, ୨।୪(ସମିସ): ଓଡ଼ିଶା ଦିବସ ଅବସରରେ ସ୍ଥାନୀୟ ପୁଲିସ ପେରେଡ ପଡ଼ିଆରେ କିଚକେଶ୍ୱରୀ ଭଲିବଲ ଏକାଡେମୀ ଓ ପୁଲିସ ଆରଆଇଙ୍କ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଆଜାଦ କ୍ଲବ, ପୁଲିସ ଟିମ, ଫାୟାର ଟିମ ଓ କିଚକେଶ୍ୱରୀ ଭଲିବଲ ଦଳ ଅଂଶଗ୍ରହଣ କରିଥିବାବେଳେ ଆଜାଦ କ୍ଲବ ୨-୧ ସେଟରେ ପୁଲିସ ଟିମକୁ



ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ, ଆରଆଇ ପୁଲିସ ଆଲୋକ କୁମାର କାନୁନଗୋ, ସରଜେଣ୍ଟ ଗୌତମ ପ୍ରଧାନ, ଫାୟାର ଅଫିସର ଗଜେନ୍ଦ୍ର ସିଂହ, କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଦିବସ ଉପରେ ଆଲୋକପାତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଚାମ୍ପିଅନ ଓ ରନର୍ସଅପ ଦଳ ସହ ଶ୍ରେଷ୍ଠ ଖେଳାଳି ଭାବେ ସତ୍ୟଜିତ ବାରିକ, ଦେବୀପ୍ରସାଦ ବେହେରା ଓ ଗୁଡୁଙ୍କୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଜାତୀୟ ରେଫରୀ ରାଜେଶ କୁମାର ଦାସ, ହରିହର ମଲ୍ଲିକ, ଦୀପକ କୁମାର ମୁଣ୍ଡା, ଦୀପକ ବେହେରା, ଚନ୍ଦ୍ରମୋହନ ଦଳେଇ, ସ୍ନେହାଶିଷ ଓ ପିନାକୀ ମହାନ୍ତି ଖେଳ ପରିଚାଳନା କରିଥିଲେ। ରାଜେନ୍ଦ୍ର ନାଥ ନାଏକ ସ୍କୋରିଂରେ ସହଯୋଗ କରିଥିବାବେଳେ ଗଦାଧର ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଏନଆଇଏସ କୋଚ ମନୋରଞ୍ଜନ ଜୀଉ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## • ଝାଡ଼ାବାନ୍ତିରେ ୨୦ରୁ ଅଧିକ ଆକ୍ରାନ୍ତ

## ବେଡ୍ ନ ଥିବାରୁ ଚଟାଣରେ ଚାଲିଛି ଚିକିତ୍ସା



ମହୁଲଡିହା, ୨।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ବଢ଼ିଚାଲିଛି ଡାଇରିଆ ରୋଗୀଙ୍କ ସଂଖ୍ୟା। ରବିବାର ସନ୍ଧ୍ୟାରେ ୫ ଜଣଙ୍କ ଚିକିତ୍ସା ଚାଲୁଥିବାବେଳେ ୧୦ରୁ ଅଧିକ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ବୁଧବାର ସନ୍ଧ୍ୟାରେ କାଳିଆଜିଆଣି ଗ୍ରାମର ବାସନ୍ତୀ ସିଂ (୨୬), କେନ୍ଦୁଝର ଜିଲ୍ଲା ମନୋହରପୁର ଗ୍ରାମ ପଞ୍ଚାୟତ ପାଲବଣି ଗ୍ରାମର ଚିତା ହେମ୍ବ୍ରମ (୪୦), ପଣସଡିହା ଗ୍ରାମପଞ୍ଚାୟତ ବଣିଆଯୋଡି ଗ୍ରାମର ନାଗି ହେମ୍ବ୍ରମ (୩୦), ଲମ୍ବୋଦର ହେମ୍ବ୍ରମ (୩୦), ପାତରବେଡା ଗ୍ରାମର ସୁକାନ୍ତି ଟୁଡୁ (୨୫) ଚିକିତ୍ସାଧୀନ ଅଛନ୍ତି। ବଣିଆଯୋଡି ଗ୍ରାମର ଦୀପକ ପୂର୍ତ୍ତି (୧୪) ଓ ପୀତାମ୍ବର ପୂର୍ତ୍ତି (୨୫) ୨୯ ତାରିଖରୁ ଆଡମିଶନ ହୋଇଥିବାବେଳେ ୧ ତାରିଖ ଦିନ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ସେହିପରି ମେଞ୍ଜୋ ହେମ୍ବ୍ରମ (୩୦), ଟୁକୁଲୁ ହେମ୍ବ୍ରମ (୭), ରାଉତରାୟ ହେମ୍ବ୍ରମ (୩୪), ପେଲାନ ହେମ୍ବ୍ରମ (୫୫), ସୁଶାନ୍ତି ମୁଣ୍ଡା (୯), ଦ୍ରୌପଦୀ ବାଲମୁଚୁ (୨୫) ରାଜୁ ହେମ୍ବ୍ରମ (୧୮), ସାନ୍ଧୁ ହେମ୍ବ୍ରମ (୨୦), ଯମୁନା ଚାତାର (୨୬), ଦିବାକର ହେମ୍ବ୍ରମ (୨୪), ସୁମିତ୍ରା ବାଲମୁଚୁ ( ୨୩) ୩୦ ତାରିଖରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଠାକୁରମୁଣ୍ଡା ବ୍ଲକର ୧୮ ଟି ପଞ୍ଚାୟତ ଓ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ବ୍ଲକର ୩ଟି ପଞ୍ଚାୟତର ଅଧିବାସୀ ନିର୍ଭର କରୁଥିବାବେଳେ ଆବଶ୍ୟକ ପରିମାଣର ବେଡ୍ ନଥିବାରୁ ବାଧ୍ୟ ହୋଇ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ସରକାର ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ଆବଶ୍ୟକ ମୁତାବକ ବେଡ୍ ଓ କର୍ମଚାରୀ ଯୋଗାଇବା ପାଇଁ ସାଧାରଣରେ ଦାବି କରାଯାଉଛି।

## ଟ୍ରେନ୍ ଧକ୍କାରେ ଜଣେ ମୃତ

ବୈଶିଙ୍ଗା, ୨।୪(ସମିସ): ବୈଶିଙ୍ଗା ଥାନା ସନ୍ତରା ପଞ୍ଚାୟତ ଅଧୀନ ମଲକଡ଼ିଠାରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୁଣ୍ଡଗଣ୍ଡି ଅଲଗା ହେବା ସହିତ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ମଲକଡ଼ି ଗ୍ରାମର ରବୀନ୍ଦ୍ର ସିଂ (୫୪)। ସୂଚନା ମୁତାବକ ବୁଧବାର ରାତି ପ୍ରାୟ ୯ଟା ସମୟରେ ରବୀନ୍ଦ୍ର ରେଳଧାରଣା ଉପରେ ଶୋଇଥିବା ବେଳେ ବାଙ୍ଗିରିପୋଷିରୁ ରୁପ୍ସା ଅଭିମୁଖେ ଯାଉଥିବା ମେମୁ ଟ୍ରେନ ରବୀନ୍ଦ୍ରଙ୍କ ଉପରେ ମାଡିଯାଇଥିଲା। ଶରୀରରୁ ମୁଣ୍ଡ ଅଲଗା ହୋଇଯିବା ସହିତ ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଥିଲା। ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ପରିବାର ଲୋକେ ରେଳଧାରଣାରୁ ମୃତଦେହ ଉଠାଇ ନେଇଥିଲେ।

## ରାଇରଙ୍ଗପୁରରେ ଜନଗଣନା ଆରମ୍ଭ



ରାଇରଙ୍ଗପୁର, ୨।୪ (ସମିସ): ଏପ୍ରିଲ ପହିଲାରୁ ଦେଶ ବ୍ୟାପି ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ରାଇରଙ୍ଗପୁରରେ ମଧ୍ୟ ରାଷ୍ଟ୍ରପତିଙ୍କ ଘରୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୨ରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାସଭବନକୁ ଜନଗଣନାକାରୀ ଯାଇଥିଲେ। ସେଠାରେ ଥିବା ତାଙ୍କ ଭାଉଜ ସାକ୍ରମଣି ଟୁଡୁଙ୍କ ପାଖରୁ ଜନଗଣନା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ଏହାକୁ ଅପ୍‌ଲୋଡ଼ କରିଥିଲେ। ଏହାପରେ ୱାର୍ଡ ନମ୍ବର ୧୨ ଇଚିଣ୍ଡାସ୍ଥ ବୀରଚକ୍ର ଶହୀଦ ନନ୍ଦୁରାମ ସୋରେନ, ହଳଦା ଗ୍ରାମ ପଞ୍ଚାୟତର ନୂଆଗାଁସ୍ଥି ସାନ୍ତାଳୀ ସାରସ୍ୱତ ସାଧକ ପଦ୍ମଶ୍ରୀ ଚରଣ ହେମ୍ବ୍ରମ ଓ ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ କୁଚେଇବୁଡିସ୍ଥ ନଗରପାଳ ଅଭିଷେକ ପଟ୍ଟନାୟକଙ୍କ ବାସଭବନକୁ ଯାଇ ଜନଗଣନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ସମସ୍ତ ତଥ୍ୟକୁ ଅନଲାଇନ ଅପଲୋଡ଼ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଁସଦାଙ୍କ ତତ୍ତ୍ୱାବଧାନରେ ହେଉଥିବାବେଳେ ଜନଗଣନା ଅଧିକାରୀ ସ୍ୱରୂପ ମହାନ୍ତ, ଏକଜିକ୍ୟୁଟିଭ୍ (ମେପ୍) ପ୍ରିୟଙ୍କା ଦଳନାୟକ, ଜନଗଣନ ଅଧିକାରିଣୀ ଅନୁପମା ନନ୍ଦ, ଜନଗଣନା ଅଧିକାରୀ ଆଲୋକ ସିଂ, ଜନଗଣନା ଅଧିକାରିଣୀ ବେବି ବେହେରା, ରାଇରଙ୍ଗପୁର ପୌର କର୍ମଚାରୀ ଚିନ୍ମୟ ନାଏକ, ମନୋଜ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ। ଜନଗଣନା କାର୍ଯ୍ୟକ୍ରମରେ ସମସ୍ତେ ଜଡିତ ହୋଇ ତଥ୍ୟ ପ୍ରଦାନ କରିବା। ଯାହା ଦ୍ୱାରା ଭବିଷ୍ୟତ ନେଇ ସରକାରୀ ପଦକ୍ଷେପ ଗ୍ରହଣ କରାଯାଇପାରିବ।

## ସଦ୍‌ଭାବନା ସମିତିର ମାନବ ଧର୍ମ ସମ୍ମିଳନୀ ବାର୍ଷିକୋତ୍ସବ

## ଶ୍ରେଷ୍ଠ ୪ ଜଣଙ୍କୁ ସେବକଶ୍ରୀ ଉପାଧି ଓ ସର୍ବଧର୍ମ ସଞ୍ଚାଳକ ବର୍ଗଙ୍କୁ ସମ୍ବର୍ଦ୍ଧନା




ବାରିପଦା, ୨।୪(ସମିସ): ୧୯୮୦ରୁ ଦେଶରେ ନିଆରା ଗଠିତ ବାରିପଦା ସଦ୍‌ଭାବନା ସମିତି ତା'ର ପ୍ରତିଷ୍ଠା ଦିବସ ଉତ୍କଳ ଦିବସରେ ୪୭ତମ ମାନବ ଧର୍ମ ସମ୍ମିଳନୀ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶାରେ ମାନବ ଧର୍ମର ତଥା ବାରିପଦା ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରୋହିତ୍ୟ କରି ମାନବ ଧର୍ମର ଅର୍ଥ ନ ବୁଝି ଆଜି ସମାଜ ଦାନବ ଧର୍ମୀଙ୍କ ଚରାଭୂଇଁ ମନ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ କହିଥିଲେ, ଯିଏ ସଚ୍ଚୋଟ ସେ ସତ୍‌କର୍ମରେ ଝଡରେ ଇଗଲ ସଦୃଶ୍ୟ। ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମାନବ ସେବା ମାଧବ ସେବା ଓ ମାନବ ଧର୍ମ ମାଧବ ଧର୍ମ କହିଥିଲେ। ମୁଖ୍ୟବକ୍ତା ଭାବେ ଆର୍ଯ୍ୟ ସମାଜର ଆଚାର୍ଯ୍ୟଦେବ ବିଜୟଜୀ ଦେବାଦେବୀଙ୍କ ପୂଜା ମାନବ ଧର୍ମ ମାତ୍ର ଆଲୋକ ତୋରଣ ସଜ୍ଜା ବାବଦକୁ ଅଯଥା ଅପବ୍ୟୟ ବକ୍ତବ୍ୟ ରଖିଥିଲେ। ଏହି ଦିବସରେ ଜିଲ୍ଲାର ଶ୍ରେଷ୍ଠ ପୁଲିସ୍ କନେଷ୍ଟବଳ ଭାବେ ପ୍ରଶାନ୍ତ କୁମାର ମହାନ୍ତ, ଜିଲ୍ଲାର ଶ୍ରେଷ୍ଠ ନର୍ସିଂ ଅଧିକାରୀ ଭାବେ ଦେବାଶିଷ ବେହେରା, ଜିଲ୍ଲାର ଶ୍ରେଷ୍ଠ ଅଗ୍ନିକ ଭାବେ ପ୍ରଭାସ କୁମାର ଜେନା, ବାରିପଦା ପୌର ପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖୀଙ୍କୁ ପାରମ୍ପରିକ ଭାବେ ସେବକଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ସେମାନଙ୍କୁ ସମ୍ବର୍ଦ୍ଧନା ସନନ୍ଦ, ସାଲ୍, ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ଅତିଥିବର୍ଗ ସମ୍ବର୍ଦ୍ଧିତ କରିଥିଲେ। ତତ୍ ସଙ୍ଗେ ସଙ୍ଗେ ସମିତିର ସତ୍ୟର ସ୍ରୋତ ନୀତି ଓ ନୈତିକତା ନିକିତିରେ ସାମିଲ ବିବେକାନନ୍ଦ କେନ୍ଦ୍ରର ସଞ୍ଚାଳକ ସନ୍ଦୀପ କୁମାର ଚାନ୍ଦ, ଶିବାନନ୍ଦ ଶରଣାଗତ ଡ ଝରଣା ବେହେରା, ସତ୍ୟସାଇ ସେବା ସଙ୍ଗଠନର ବିଶ୍ୱ ରଞ୍ଜନ ସାହୁ, ସତସଙ୍ଗ ବିହାରର ବେଣୁଧର ମହାରଣା, ଗାୟତ୍ରୀ ପରିବାରର ଗଗନ ବିହାରୀ ବେହେରା, ପ୍ରଜାପିତାର ବି କେ ମାମୁନି, ଖାଲସା ପନ୍ଥର ସର୍ଦ୍ଦାର ହରଚରଣ ସିଂ, ଇସ୍‌ଲାମ ଶାଖାର ସେକ୍ ନିଜାମଙ୍କୁ ଉତ୍ତରୀୟ ଓ ପୁଷ୍ପମାଳ୍ୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ସ୍ୱାଗତ ସମ୍ଭାଷଣ ରଖିଥିବାବେଳେ ସଦସ୍ୟ ତଥା ସାମ୍ବାଦିକ ମନୋଜ କୁମାର ପଣ୍ଡା ଅତିଥି ପରିଚୟ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବେଣୁଧର ବେହେରା ଜୟନ୍ତୀ ଓ 'ମାଟିଫୁଲ' ଉନ୍ମୋଚନ ଉତ୍ସବ

କପ୍ତିପଦା, ୨।୪(ସମିସ): ଗଙ୍ଗାସ୍ନାନ ଶରୀରକୁ ପବିତ୍ର କଲାବେଳେ ମହାପୁରୁଷଙ୍କ ସ୍ମୃତିଚାରଣ ମନ ଓ ହୃଦୟକୁ ତ୍ରିବେଣୀ ସଙ୍ଗମରେ ସ୍ନାନ ଭଳି ଶୁଦ୍ଧପୂତ କରିଥାଏ। ସେଥିପାଇଁ ଆମ ମାଟି ମା' କୋଳରେ ଜନ୍ମିଥିବା ବରେଣ୍ୟ, ତ୍ୟାଗୀ ଓ କର୍ମଦୀପ୍ତ ବ୍ୟକ୍ତି କାଳକାଳକୁ ବନ୍ଦନୀୟ ଓ ପୂଜନୀୟ ହୋଇ ଆଗାମୀ ପିଢ଼ିକୁ ମାର୍ଗଦର୍ଶନ ଦିଅନ୍ତି। ବଡ଼ଖଲାଡ଼ି ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବେଣୁଧର ବେହେରା ରେଲୱେ ଚାକିରି ପରିତ୍ୟାଗ କରି ନିଜ ଅଞ୍ଚଳର ବିକାଶ ପାଇଁ ସ୍କୁଲ, କଲେଜ, ବ୍ୟାଙ୍କ୍ ଇତ୍ୟାଦି ସ୍ଥାପନ କରି ଏ ଅଞ୍ଚଳରେ ଶିକ୍ଷାର ପ୍ରସାର କରିବା, ନିଯୁକ୍ତ ସୁଯୋଗ ଦେବା ଓ



ସମସ୍ତଙ୍କୁ ଚିକିତ୍ସା ସେବା ପ୍ରଦାନ କରିବା ଭଳି ମହାନ୍ କାର୍ଯ୍ୟ କରିଥିଲେ ବୋଲି କପ୍ତିପଦା ସନ୍ନିକଟ ନୂଆସାହିଠାରେ ଅନୁଷ୍ଠିତ ବେଣୁଧର ବେହେରାଙ୍କ ୯୮ତମ ଜୟନ୍ତୀ ଓ 'ମାଟିଫୁଲ' ତ୍ରୈମାସିକ ସାହିତ୍ୟ, ସଂସ୍କୃତି, ଶୈକ୍ଷିକ ପତ୍ରିକାର ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ



କରିଥିଲେ।

ଏ ଉପଲକ୍ଷେ ଆୟୋଜିତ ଉତ୍ସବକୁ ସମବେତ ବେଣୁପ୍ରେମୀ ତାଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ପ୍ରଦାନ କରିବା ସହିତ ତାଙ୍କ ପ୍ରିୟ ପ୍ରାର୍ଥନା 'ଆହେ ଦୟାମୟ ବିଶ୍ୱବିହାରୀ'କୁ ଗାନ କରିଥିଲେ। 'ମାଟିଫୁଲ' ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ବସନ୍ତ କୁମାର ରାଉଳ ସଭାପତିତ୍ୱ କରିଥିବାବେଳେ ଗଡ଼ିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ ମୁଖ୍ୟଅତିଥି, ଅବସରପ୍ରାପ୍ତ ରାଜ୍ୟ ସମବାୟ ବ୍ୟାଙ୍କର ମହାପ୍ରବନ୍ଧକ ଭଗବାନ ବେହେରା ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ମହାଲିକ ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରି ବେଣୁସାର୍‌ଙ୍କ ସମ୍ପର୍କରେ ଅଙ୍ଗେଲିଭା ଅନୁଭୂତି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷକ ନରସିଂହ ବାରିକ, ସମାଜସେବୀ ଆଶିଷ କୁମାର ଶଙ୍ଖୁଆ, ଅବସରପ୍ରାପ୍ତ କୃଷି ଅଧିକାରୀ ବିଦ୍ୟାଧର ବେହେରା, ପ୍ରାକ୍ତନ ଓଡ଼ିଶା ପ୍ରଶାସନିକ ଅଧିକାରୀ ଜଗନ୍ନାଥ ବିଶ୍ୱାଳ, ପ୍ରାକ୍ତନ ଶିକ୍ଷକ ଅନନ୍ତ କୁମାର ବାରିକ, ବିରଞ୍ଚି ନାରାୟଣ ବେହେରା, ପ୍ରଫୁଲ୍ଲ କୁମାର ଖିଲାର, ବାଇଧର ବେହେରା ଓ ଅଂଶୁମାନ ମହାନ୍ତି ପ୍ରମୁଖ ସ୍ୱସ୍ୱ ବକ୍ତବ୍ୟରେ ବେଣୁଧର ବେହେରାଙ୍କ ସେବା ଓ ତ୍ୟାଗ ସମ୍ପର୍କରେ ତଥ୍ୟ ରଖିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ଜୟଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା 'ମାଟିଫୁଲ' ପତ୍ରିକାର ଏପ୍ରିଲ-ଜୁନ୍, ୨୦୨୬ ସଂଖ୍ୟା ଉନ୍ମୋଚନ ହେବା ପରେ ସମ୍ପାଦକ ବସନ୍ତ କୁମାର ରାଉଳ 'ମାଟିଫୁଲ'କୁ ଓଡ଼ିଆ ସାହିତ୍ୟର ଅନ୍ତୋଦୟ କାର୍ଯ୍ୟକ୍ରମ ବୋଲି ମତ ପ୍ରକାଶ କରିଥିଲେ। ଏହାପରେ ବେଣୁସାର୍‌ଙ୍କ ହାତଗଢ଼ା ଶିକ୍ଷାନୁଷ୍ଠାନ ଜବାହରଲାଲ ହାଇସ୍କୁଲ, ବଡ଼ଖଲାଡ଼ିର ଅଷ୍ଟମ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକୁ ସାଫଲ୍ୟମଣ୍ଡିତ କରିବାରେ ଗୌରମୋହନ ପାତ୍ର, ରାଜଶ୍ରୀ ରଞ୍ଜିତା, ବନ୍ଦନା ବେହେରା, ତପସ୍ୱିନୀ ବେହେରା, ପୁଷ୍ପଛାୟା ବେହେରା, ସୁପ୍ରିୟା ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ ହୋଇଥିଲା।

